# Akashvani, Sambalpur

## SAMBALPURI NEWS BULLETIN

### 16 April 2025- 6.47- 6.52 am.

*************************************************

ଆୟୁଷ୍ମାନ୍ କାର୍ଡ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାସନ୍‌କାର୍ଡ୍ ନାଇଁଥିବାର୍ ପରିବାର୍ ମାନ୍‌କୁ ଭିଲ୍ ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଆର୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନାର୍ ସ୍ୱାସ୍ଥ୍ୟ କାର୍ଡ୍ ମିଲିପାର୍‌ବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍, ରାସନ୍‌କାର୍ଡ୍ ନୁ ବାଦ୍ ପଡ଼ିଥିବା ୨ ଲାଖ୍ ପରିବାର୍‌କେ ମିଶେଇକରି ମୋଟ୍ ୧ କୋଟି ୩୦ ଲାଖ୍ ପରିବାର୍‌କେ ଯୋଜ୍‌ନାଥି ସାମିଲ୍ କରାଯାଇଛେ । ଆଶା ଆଉ ଅଙ୍ଗନବାଡ଼ି କର୍ମୀମାନେ ଘର୍ ଘର୍ ଯାଇକରି ଲୁକ୍‌କୁ କାର୍ଡ୍ ବାଂଟ୍‌ବେ । ଯେନ୍ ହିତାଧିକାରୀମାନ୍‌କର୍ ଆଧାର୍ ସଂଯୋଗ୍ ହେଇଛେ ହେଲେ କାର୍ଡ୍ ନାଇଁପାଇପାରି, ସେମାନେ ଭିଲ୍ ଆଧାର୍ ନମ୍ବର୍ ଜରିଏ ବିନା କାର୍ଡ୍‌ଥି ଚିକିତ୍ସା ସୁବିଧା ପାଇପାର୍‌ବେ । ସେନ୍ତା ବାଦ୍ ପଡ଼ିଥିବା ୭୦ ବଛର୍‌ନୁ ଅଏତ୍‌କା

୬ ଲାଖ୍ ବୟସ୍କ "ଆୟୁଷ୍ମାନ୍ ବୟୋ ବନ୍ଦନା" ଯୋଜ୍‌ନାଥ୍ ଅନ୍‌ଲାଇନ୍ ଜରିଏ କାର୍ଡ଼ ପାଇପାର୍‌ବେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ସ୍ନାତକ ପାଠ୍ୟକ୍ରମ୍ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ୨୦୨୫-୨୬ ଶିକ୍ଷା ବଛ୍‌ରେ ସ୍ନାତକ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆଏଜ୍‌ଠାନୁ ପ୍ରକ୍ରିୟା ମୁଲ୍ ହେଉଛେ । ଉପର୍‌ବେଲା ୪ ବଜେନୁ ସାମ୍ସ ପୋର୍ଟାଲ୍‌ଥି କମନ୍ ଆପ୍ଲିକେସନ୍ ଫର୍ମ ମିଲ୍‌ବା । ଆଗ୍ରହୀ ଛାତ୍ରଛାତ୍ରୀମାନେ ଆଏବା ମେ ୨୦ ତାରିଖ୍ ଭିତ୍‌ରେ ଇଥି ଆବେଦନ୍ କରିପାର୍‌ବେ । ୨୧ ଆଉ ୨୨ ତାରିଖ୍‌ଥି ସିଏଏଫ୍‌ଥି ଦର୍‌କାରୀ ସଂଶୋଧନ୍ କରାଯାଇପାର୍‌ବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶିକ୍ଷା ବର୍ଷ - ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ଶିକ୍ଷା ବଛର୍ ମେ ୬ ନୁ ଜୁନ୍ ୧୯ ତକ୍ ବିଦ୍ୟାଲୟମାନ୍‌କେ ଖରାଛୁଟି ହେବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ବିଭାଗ୍ ତର୍‌ଫୁ ତିଆର୍ ହେଇଥିବା

୨୦୨୫-୨୬ ଶିକ୍ଷାବଛରର୍‌ର କେଲେଣ୍ଡର୍ ଗଲାକାଏଲ୍ ଉନ୍ମୋଚିତ୍ ହେଇଛେ । ଇତାର୍ ଅନ୍‌ସାରେ ଇ ଶିକ୍ଷା ବଛ୍‌ରେ ୨ ଶହ ୩୧ ଟା କାର୍ଯ୍ୟଦିବସ୍ ଥିଲା ବେଲ୍‌ବେ ୫୨ ଟା ରଏବାର୍, ୮୨ ଟା ଅଲ୍‌ଗା ଛୁଟି ରହିଛେ ।

ପୌର ସଂସ୍ଥା ନିର୍ଦ୍ଦେଶ୍‌ନାମା I&PR

ପୌର ଅଧିକାରୀମାନ୍‌କର୍ ଭିତ୍‌ରେ ସମୟାନୁବର୍ତ୍ତୀତା ଆର୍ ବୃତିଗତ ଆଚରଣ୍ ଉପ୍‌ରେ ଜୋର୍ ଦେଇକରି ଗୃହ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ଗୁଟେ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ରାଏଜେ ସହରାଂଚଲ୍ ଆଂଚଲିକ୍ ସଂସ୍ଥା ମାନ୍‌କେ ସ୍ୱଚ୍ଛତା ଆଉ ଦାୟିତ୍ୱ ବୃଦ୍ଧି କର୍‌ବାର୍ ଲକ୍ଷ୍ୟଥି ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀ ଇ ନିର୍ଦ୍ଦେଶ୍‌ନାମା ଜାରି କରିଛନ୍ ।

ରଥଯାତ୍ରା- ପ୍ରସ୍ତୁତି ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଜୁନ୍ ମାସେ ହେବାର୍‌କେ ଥିବା ରଥଯାତ୍ରାକେ ଶାନ୍ତିଶୃଙ୍ଖଲାର୍ ସହେତେ କରାଯିବାର୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ପୁରୀ ସାର୍କିଟ୍ ହାଉସ୍ ଠାନେ

ଜିଲ୍ଲାପାଲ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ରଥଯାତ୍ରାର୍ ପ୍ରସ୍ତୁତି ଆର୍ ଆକ୍ସନ୍ ପ୍ଲାନ୍ ବାବ୍ଦେ ବିସ୍ତୃତ୍ ଆଲୋଚନା ହେଇଥିଲା ।

ଅନ୍ତର୍ଜାତୀୟ ଶିଶୁ, ଯୁବ ଚଳଚ୍ଚିତ୍ର ମହୋତ୍ସବ   କଲାହାଣ୍ଡି

କଲାହାଣ୍ଡି ଠାନେ ଚାଲିଥିବା ଅନ୍ତର୍ଜାତୀୟ ଶିଶୁ ଆଉ ଯୁବ ଚଳଚ୍ଚିତ୍ର ମହୋତ୍ସବ୍ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି କଲାହାଣ୍ଡି ସହକାରୀ ଜିଲ୍ଲାପାଲ୍ ମମତା ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଭିନ୍ ଭିନ୍ ଦେଶର୍ ୩୦ ଟା ଶିଶୁ ଆଉ ଯୁବ ମନସ୍ତତ୍ୱ ଉପ୍ରେ ଆଧାରିତ୍ ଚଳଚ୍ଚିତ୍ର ପ୍ରଦର୍ଶିତ୍ ହେଇଥିଲା । କଲାହାଣ୍ଡିର୍ ଭିନ୍ ଭିନ୍ ସର୍କାରୀ ଆଉ ବେସର୍କାରୀ ବିଦ୍ୟାଳୟର୍ ୨ ଶହ ନୁ ଅଏତ୍କା ଛାତ୍ରଛାତ୍ରୀ ଇତାକେ ଦେଖ୍ବାର୍ ସୁଯୋଗ୍ ପାଇଥିଲେ ।

ଝିଅପାଇଁ ଗଛଟିଏ                    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ପାତାଲ୍ଗଙ୍ଗାଠାନେ "ଝିଅପାଇଁ ଗଛଟିଏ" କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ଜିଲ୍ଲାପାଲ୍

ଆଉ ଭିନ୍ ଭିନ୍ ଅଧିକାରୀମାନେ ଗାଁର୍ ଗୁଟେ ନବଜାତ ଟୁକେଲ୍ ଛୁଆର୍ ଘର୍କେ ଯାଇକରି ଭିନ୍ ଭିନ୍ ଉପହାର୍ ଦେଇଥିଲେ । ଇତାର୍ ସହେତେ ଛୁଆର୍ ନାଁଥି ଗୁଟେ ଗଛ୍ ଲଗେଇଥିଲେ ।

ଜଙ୍ଗଲ୍ ଜମି ଅଧିକାର୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ କୋଟଗାଁ ଠାନେ ଗୋଷ୍ଠୀ ଜଙ୍ଗଲ୍ ସମ୍ବଲ୍ ଅଧିକାର୍ ଜରିଏ ୪ ଶହ ୫ ହେକ୍ଟର୍ ଜଙ୍ଗଲ୍ ଜମିକେ ଆଦିବାସୀ ଗୋଷ୍ଠର୍ କର୍ମକର୍ତାମାନ୍କୁ ବଂଟାଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଆର୍ ଖଡ଼ିଆଲ୍ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ୍ ଆଦିବାସୀ ଇଲାକାର୍ ଲୁକ୍କୁ ଜଙ୍ଗଲ୍ ଜମି ଅଧିକାର୍ ଦେଇକରି ଇତାର୍ ସୁରକ୍ଷା ଆର୍ ସଂରକ୍ଷଣ୍ ଦାୟିତ୍ୱ ନେବାର୍କେ କହିଛନ୍ ।

ସର୍ବଭାରତୀୟ ହକି ଚମ୍ପିଆନ୍ସିପ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୭୩ ନମ୍ବର୍ ସର୍ବଭାରତୀୟ ହକି ଚମ୍ପିଆନ୍ସିପ୍ ଗଲାକାଏଲ୍ ଉଦ୍ଯାପିତ୍

ହେଇଛେ । ପୁରୁଷ ବର୍ଗ ଫାଇନାଲ୍ ମେଚ୍‌ଥି ପଞ୍ଜାବ୍ ପୁଲିସ୍ - ସିଆର୍‌ପିଏଫ୍ ଦଲ୍‌କେ ହରେଇକରି ଚମ୍ପିଆନ୍ ହେଇଥିଲା ବେଲ୍‌କେ ମହିଲା ବର୍ଗଥି ସିଆର୍‌ପିଏଫ୍ ଦଲ୍ - ଏସ୍‌ଏସ୍‌ବି ଦଲ୍‌କେ ହରେଇକରି ଚମ୍ପିଆନ୍ ହେଇଛେ । ଉଦ୍‌ଯାପନୀ ସମାରୋହଥି ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେଇକରି ବିଜେତା ଆଉ ଉପବିଜେତା ଦଲ୍‌ମାନ୍‌କୁ ପୁରସ୍କୃତ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ହକି ଇଣ୍ଡିଆ ସଭାପତି ଦିଲୀପ୍ ତିର୍କି, ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଇ ହପ୍ତାର୍ ଶେଷ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଇଲାକା ନ ଧୁକାଗର୍ଦ୍ଦି ଆଉ ବର୍ଷା ହେଇପାରେ । କେନ୍ଦୁଝର୍, ମୟୁର୍‌ଭଞ୍ଜ୍, ଗଞ୍ଜାମ୍, ଗଜପତି, କୋରାପୁଟ, ନବରଙ୍ଗ୍‌ପୁର୍ ଆର୍ ବାଲେଶ୍ୱର୍ ଜିଲ୍ଲା ନ ଜବର୍ ଧୁକାଗର୍ଦ୍ଦି ଆଉ ବର୍ଷା ନେଇକରି ପାଣିପାଗ କେନ୍ଦ୍ର ସତର୍କ କରେଇଛେ ।